# NATIONAL NEWS BULLETIN (ODIA)

## 15 March - 2024

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ପି.ଏମ୍. ସ୍ୱନିଧି ଯୋଜନା ଅଧୀନରେ ଏକ ଲକ୍ଷ ବୁଲାବିକାଳିଙ୍କୁ ପ୍ରଧାନମନ୍ତ୍ରୀ ଋଣ ବଣ୍ଟନ କରିଛନ୍ତି ।
- ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଧିକାରୀ ଜ୍ଞାନେଶ କୁମାର ଓ ସୁଖବୀର ସିଂହ ସାନ୍ଧୁଙ୍କୁ ନିର୍ବାଚନ କମିସନର ଭାବେ ନିଯୁକ୍ତ କରାଯାଇଛି ।
- ଶାହାଜାହାନ ଶେଖଙ୍କ ସିବିଆଇ ହେପାଜତ ମିଆଦକୁ ବସିର୍‌ହାଟ୍ କୋର୍ଟ୍ ଆଉ ୮ ଦିନକୁ ବୃଦ୍ଧି କରିଛନ୍ତି ।
- ରୁଷ ସେନାରେ କାର୍ଯ୍ୟରତ ଆଉ ୭ ଜଣ ନେପାଳୀ ପ୍ରାଣ ହରାଇଥିବା ନେପାଳ ସରକାର ନିଶ୍ଚିତ କରିଛନ୍ତି ।

ଏବଂ

- ମହିଳା ପ୍ରିମିୟର୍ କ୍ରିକେଟ୍ ଲିଗ୍‌ର ଏଲିମିନେଟର ମ୍ୟାଚ୍ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୋର୍ ମଧ୍ୟରେ ଖେଳାଯିବ ।

# ପିଏମ୍-ସ୍ୱନିଧି

ପ୍ରଧାନମନ୍ତ୍ରୀ କହିଛନ୍ତି, ପି.ଏମ୍. ସ୍ୱନିଧି ଯୋଜନା ବୁଲାବିକାଳିମାନଙ୍କ ପାଇଁ ଜୀବନରେଖା ସାବ୍ୟସ୍ତ ହୋଇଛି । ଦିଲ୍ଲୀରେ ପି.ଏମ୍. ସ୍ୱନିଧି ହିତାଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, କୋଭିଡ୍ ସମୟରେ ବୁଲାବିକାଳିମାନଙ୍କର କ୍ଷମତାକୁ ଲୋକମାନେ ଜାଣିବାକୁ ପାଇଥିଲେ । ସେ କହିଛନ୍ତି, ସ୍ୱନିଧି ମହୋତ୍ସବ ବୁଲାବିକାଳିମାନଙ୍କ ପାଇଁ ଉଦ୍ଦିଷ୍ଟ । ବୁଲାବିକାଳି ଓ ରାସ୍ତାକଡ଼ ଦୋକାନୀମାନଙ୍କର ସମାଜକୁ ଅବଦାନ ପାଇଁ ସେ ଅଭିନନ୍ଦନ ଜଣାଇଛନ୍ତି ।

ଶ୍ରୀ ମୋଦୀ କହିଛନ୍ତି, ବୁଲାବିକାଳିଙ୍କ ଭେଣ୍ଡିଂ ଗାଡି ଏବଂ ଦୋକାନ ଛୋଟ ହେଲେ ବି ସେମାନଙ୍କର ସ୍ୱପ୍ନ ବହୁତ ବଡ଼ । ଅତୀତର ସରକାର ସେମାନଙ୍କ କଲ୍ୟାଣ ପାଇଁ କୌଣସି ଆଗ୍ରହ ପ୍ରକାଶ କରିନଥିଲେ । ଫଳରେ ସେମାନଙ୍କୁ ଅସମ୍ମାନ ଏବଂ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା ବୋଲି ସେ କହିଥିଲେ । ସେ ଆହୁରି କହିଥିଲେ, ଋଣ ପାଇବା ପାଇଁ ବୁଲାବିକାଳିଙ୍କ ପାଖରେ କୌଣସି ସାଧନ ନଥିବାରୁ ସେମାନେ ବ୍ୟାଙ୍କ୍ ପାଖରେ ପହଞ୍ଚି ପାରୁନଥିଲେ ।

ପ୍ରଧାନମନ୍ତ୍ରୀ ଏହି ଯୋଜନାରେ ଦିଲ୍ଲୀର ୫ହଜାର ବୁଲାବିକାଳିଙ୍କ ସମେତ ଏକ ଲକ୍ଷ ବୁଲାବିକାଳିଙ୍କୁ ଋଣ ବଣ୍ଟନ କରିଥିଲେ। ପ୍ରଧାନମନ୍ତ୍ରୀ

ଏହି ଅବସରରେ ଦିଲ୍ଲୀ ମେଟ୍ରୋର ଚତୁର୍ଥ ପର୍ଯ୍ୟାୟର ଦୁଇଟି ଅତିରିକ୍ତ କରିଡରର ଶିଳାନ୍ୟାସ କରିଛନ୍ତି ।

## ପିଏମ୍-କେରଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କେରଳର ପତନମ୍‌ଥିଟା ଜିଲ୍ଲା ଗସ୍ତ କରିବେ । ସେଠାରେ ସେ ଏନ୍.ଡି.ଏ. ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ । ପ୍ରଧାନମନ୍ତ୍ରୀ ଏକ ସଭାରେ ଉଦ୍‌ବୋଧନ ଦେବେ । ଏଥିପାଇଁ ସେଠାରେ କଡ଼ା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ଇଲେକ୍‌ସନ୍ କମିଶନର୍ସ୍

ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଧିକାରୀ ଜ୍ଞାନେଶ କୁମାର ଓ ସୁଖବୀର ସିଂହ ସାନ୍ଧୁଙ୍କୁ ନିର୍ବାଚନ କମିସନର ଭାବେ ନିଯୁକ୍ତ କରାଯାଇଛି। ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ଅନୁପ ଚନ୍ଦ୍ର ପାଣ୍ଡେଙ୍କ ଅବସର ଏବଂ ଅରୁଣ ଗୋଏଲଙ୍କ ଇସ୍ତଫା ପରେ ଦୁଇ ନିର୍ବାଚନ କମିଶନର ପଦ ଖାଲି ପଡ଼ିଥିଲା।

# ସିବିଆଇ-ଇଡି

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦଳ ଉପରେ ଆକ୍ରମଣ ଘଟଣାର କଥିତ ଅଭିଯୁକ୍ତ ଶାହାଜାହାନ ଶେଖଙ୍କ ସିବିଆଇ ହେପାଜତ ମିଆଦକୁ ବସିର୍‌ହାଟ୍ ଉପଖଣ୍ଡ ସ୍ତରୀୟ କୋର୍ଟ୍ ଆଉ ୮ ଦିନକୁ ବୃଦ୍ଧି କରିଛନ୍ତି। ଗତକାଲି ତାଙ୍କର ୪ ଦିନିଆ ସିବିଆଇ ହେପାଜତ ମିଆଦ ଶେଷ ହୋଇଥିବାରୁ ସିବିଆଇ ତାଙ୍କୁ କୋର୍ଟରେ ହାଜର କରିଥିଲା। ଏହାବ୍ୟତୀତ ଏହି ମାମଲାରେ ଗିରଫ ହୋଇଥିବା ଅନ୍ୟ ୭ ଜଣଙ୍କୁ ମଧ୍ୟ କୋର୍ଟଚାଲାଣ କରାଯାଇଥିଲା। କୋର୍ଟ ସେମାନଙ୍କୁ ୫ ଦିନିଆ ସିବିଆଇ ହେପାଜତରେ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଗତ ଜାନୁଆରୀ ୫ ତାରିଖରେ ସନ୍ଦେଶଖାଲିରେ ଇଡି ଦଳ ଉପରେ ଆକ୍ରମଣ ଅଭିଯୋଗରେ ସାହାଜାହାନ ଶେଖ୍‌ଙ୍କୁ ସିବିଆଇ ଗିରଫ କରିଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଏକ ଦଳ ଶେଖ ଶାହାଜାହାନଙ୍କ ଆମଦାନୀ ଓ ରପ୍ତାନି କାରବାରର ତଦନ୍ତ ପାଇଁ ଗତକାଲି ସନ୍ଦେଶଖାଲି ଗସ୍ତ କରିଛନ୍ତି। ଏହି ଦଳ ଶାହାଜାହାନ ଶେଖଙ୍କ ସହଯୋଗୀଙ୍କ ୩ଟି ଘରେ ମଧ୍ୟ ଚଢ଼ାଉ କରିଥିଲା। ପାଖାପାଖି ୭ ଘଣ୍ଟା ଧରି ଏହି ଚଢ଼ାଉ ଜାରି ରହିଥିଲା। ଇ.ଡି. ଟିମ୍ ଅନେକ କାଗଜପତ୍ର ଜବତ କରିଛନ୍ତି।

ଇଡି ଟିମ୍ ସନ୍ଦେଶଖାଲିର ସରବେରିଆରେ ଥିବା ମୁସଲମାନ ଶେଖ୍‌ଙ୍କ ଘର ମଧ୍ୟ  ଚଢ଼ାଉ କରିଥିଲେ । ତାଙ୍କ ଗୋଦାମରୁ ୩ଟି କାର୍ ଜବତ କରାଯାଇଛି ବୋଲି ଇ.ଡି. ପକ୍ଷରୁ ସୂଚନା ଦିଆଯାଇଛି ।

## ଇସି ଇଲେକ୍ଟୋରାଲ୍ ବଣ୍ଡ

ନିର୍ବାଚନ ଆୟୋଗ ଗତକାଲି ନିଜ ୱେବସାଇଟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ପକ୍ଷରୁ ମିଳିଥିବା ନିର୍ବାଚନୀ ବଣ୍ଡ ସଂକ୍ରାନ୍ତ ତଥ୍ୟ ଅପଲୋଡ କରିଛନ୍ତି । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏସ୍.ବି.ଆଇ. ଗତ ୧୨ ତାରିଖରେ ନିର୍ବାଚନ ଆୟୋଗଙ୍କୁ ଇଲେକ୍ଟୋରାଲ ବଣ୍ଡ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲା ।

ନିର୍ବାଚନ ଆୟୋଗ କ୍ରମାଗତ ଭାବରେ ଏବଂ ସ୍ୱଚ୍ଛ ତଥା ସ୍ପଷ୍ଟ ତଥ୍ୟ ପ୍ରକାଶ କରିବା ଲାଗି ସର୍ବଦା ପଦକ୍ଷେପ ଗ୍ରହଣ କରିଆସିଛି । ଏହା ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀରେ ପ୍ରତିଫଳିତ ହୋଇଛି ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି ।

## ଜିତେନ୍ଦ୍ର-ସାଇନ୍ସ

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ବିକଶିତ ଏବଂ ବୈଜ୍ଞାନିକ ଦୃଷ୍ଟିରୁ ଉନ୍ନତ ଦେଶଗୁଡ଼ିକ ମଧ୍ୟରେ ଭାରତ ଏକ ଅଗ୍ରଣୀ ରାଷ୍ଟ୍ର ଭାବରେ ଉଭା ହୋଇଛି । ନୂଆଦିଲ୍ଲୀରେ ଗତକାଲି ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ଆତ୍ମନିର୍ଭର ଭାରତ ପାଇଁ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପାନୋରାମାର ଏକ ଦଶନ୍ଧି' ଶୀର୍ଷକ ରିପୋର୍ଟ ଉନ୍ମୋଚନ କରି ଡକ୍ଟର ସିଂହ ଏହା କହିଛନ୍ତି । ଉଦୀୟମାନ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନେତୃତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଭାରତ ପ୍ରସ୍ତୁତ ଏବଂ ବିଶ୍ୱକୁ ଏ କ୍ଷେତ୍ରରେ ମାର୍ଗଦର୍ଶନ କରିବା ଲାଗି ପ୍ରୟାସ କରୁଛି ବୋଲି ସେ କହିଛନ୍ତି । ବିଶ୍ୱସ୍ତରୀୟ ଉଦ୍ଭାବନ ବିକାଶ କରିବାରେ ଭାରତୀୟ ବୈଜ୍ଞାନିକଙ୍କର ଦକ୍ଷତାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ସରକାର ଏକ ଅନୁକୂଳ ପରିବେଶ ପ୍ରଦାନ କରିଛି ବୋଲି ସେ କହିଥିଲେ ।

## ନେପାଳ-ରୁଷ

ରୁଷ ସେନାରେ କାର୍ଯ୍ୟରତ ଆଉ ୭ ଜଣ ନେପାଳୀ ପ୍ରାଣ ହରାଇଥିବା ସେଠାକାର ସରକାର ନିଶ୍ଚିତ କରିଛନ୍ତି। ଗତକାଲି ନେପାଳ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ରୁଷରେ ପ୍ରାଣ

ହରାଇଥିବା ନେପାଳୀଙ୍କର ଚିହ୍ନଟ ହୋଇଥିବା ସ୍ପଷ୍ଟ କରାଯାଇଛି । ଚୁକ୍ତି ଅନୁଯାୟୀ କେତେକ ବନ୍ଧୁ ରାଷ୍ଟ୍ରବ୍ୟତୀତ ବିଦେଶୀ ସେନାରେ ନେପାଳୀ ନାଗରିକଙ୍କୁ ନିଯୁକ୍ତି ନଦେବା ପାଇଁ ନେପାଳର ନୀତିକୁ ମନ୍ତ୍ରଣାଳୟ ଦୋହରାଇଛି। ସରକାରୀ ଅଧିକାରୀ, ରୁଷୀୟ ସ୍କଲାରସିପ୍ ଧାରୀ ଏବଂ ବୃତ୍ତି ଓ ବ୍ୟବସାୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟତୀତ ରୁଷିଆ ଗସ୍ତରେ ଯିବାକୁ ଚାହୁଁଥିବା ଦେଶର ନାଗରୀକଙ୍କୁ ଏନ୍.ଓ.ସି. ନେବାକୁ ନେପାଳ ସରକାର କହିଛନ୍ତି ।

ସେହିଭଳି ରୁଷସେନାରେ ନିଯୁକ୍ତ ନେପାଳୀଙ୍କୁ ଫେରାଇ ଆଣିବା ପାଇଁ ସରକାର ପ୍ରାଥମିକତା ଦେଇ କୂଟନୈତିକ ପ୍ରୟାସ ଜାରି ରଖିଛନ୍ତି ବୋଲି ବିଦେଶ ମନ୍ତ୍ରଣାଳୟ କହିଛି। ସେଠାରେ କାର୍ଯ୍ୟରତ ନେପାଳୀମାନଙ୍କୁ ପ୍ରତ୍ୟାବର୍ତ୍ତନ କରିବା, ଆହତଙ୍କ ଚିକିତ୍ସା ସୁନିଶ୍ଚିତ କରିବା ଏବଂ ରୁଷୀୟ ସେନାର ସେବା କରିବା ସମୟରେ ପ୍ରାଣ ହରାଇଥିବା ନେପାଳୀଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ନେପାଳ ରୁଷ ସରକାରଙ୍କୁ ଅନୁରୋଧ କରିଛି।

## ଝାଡ଼ଖଣ୍ଡ-ଇଡି

ବେଆଇନ ଖଣି ଖନନ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପ୍ରେସ

ପରାମର୍ଶଦାତା ଅଭିଷେକ ପ୍ରସାଦ, ହଟିଆର ପୂର୍ବତନ ଆରକ୍ଷି ଅଧିକ୍ଷକ ପି.କେ. ମିଶ୍ର ଏବଂ ପ୍ରୀତି କୁମାରଙ୍କୁ ହାଜର ହେବା ପାଇଁ ସମନ ଜାରି କରିଛି। ଆସନ୍ତା ୧୮, ୧୯ ଏବଂ ୨୦ ତାରିଖରେ ସେମାନଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟ ଏକ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଗତ ୧୨ ତାରିଖରେ ରାଞ୍ଚି ଏବଂ ହଜାରୀବାଗର ୨୦ଟି ସ୍ଥାନରେ ଚଢ଼ାଉ ସମୟରେ ପ୍ରାୟ ୩୫ ଲକ୍ଷ ଟଙ୍କାର ନଗଦ ରାଶି, ଡିଜିଟାଲ ଉପକରଣ, ସର୍କଲ ଅଫିସ୍‌ର ନକଲି ଷ୍ଟାମ୍ପ୍, କେତେକ ହାତ ଲେଖା ରସିଦ ଏବଂ ଅନ୍ୟାନ୍ୟ ବିଭିନ୍ନ ସନ୍ଦେହଜନକ କାଗଜପତ୍ର ଜବତ କରାଯାଇଛି ।

ପୂର୍ବତନ ବିଧାୟକ ଯୋଗେନ୍ଦ୍ର ସାଓ, ଅମ୍ବା ପ୍ରସାଦ, ବରକାକଣା କଂଗ୍ରେସ ବିଧାୟକ ଏବଂ ସେମାନଙ୍କ ପରିବାରର ଅନ୍ୟ ସଦସ୍ୟ ଓ ସହଯୋଗୀଙ୍କ ଘର ଏବଂ କାର୍ଯ୍ୟାଳୟରେ ବେଆଇନ୍ ଅର୍ଥ କାରବାର ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା । ଇଡି ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସ୍ପଷ୍ଟ କରାଯାଇଛି, ଜବରଦଖଲ, ଶୁଳ୍କ ଆଦାୟ, ବେଆଇନ ବାଲି ଖନନ ଏବଂ ଜମି ଜବରଦଖଲ ଭଳି ଅପରାଧିକ କାର୍ଯ୍ୟକଳାପ ଅଭିଯୋଗ ମିଳିବା ପରେ ଏଭଳି ପଦକ୍ଷେପ ନିଆଯାଇଛି ।

# ଏନ୍.ଏଚ୍.ଏ.ଆଇ.-ଦ୍ୱାରକ ଏକ୍ସପ୍ରେସ୍‌ୱେ

ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦ୍ୱାରକା ଏକ୍ସପ୍ରେସ୍‌ୱେରେ ମୋଟର ବିହୀନ ଯାନ, ଦୁଇ ଚକିଆ ଯାନ ଓ ତିନି ଚକିଆ ଯାନ ଗୁଡ଼ିକର ଚଳାଚଳକୁ ନିଷେଧ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀ ଓ ହରିଆନା ମଧ୍ୟରେ ଦ୍ୱାରକା ଏକ୍ସପ୍ରେସ୍‌ୱେକୁ ଉଦ୍‌ଘାଟନ କରିଥିଲେ । ପରିବହନ ଓ ରାଜପଥ ମନ୍ତ୍ରଣାଳୟ କହିଛି, ସେହି ଏକ୍ସପ୍ରେସ୍‌ୱେରେ ଦ୍ରୁତ ବେଗରେ ଯାତ୍ରା କରୁଥିବା ଗାଡ଼ି ଗୁଡ଼ିକ ଚଳାଚଳ କରିବାକୁ ଥିବାରୁ ଏଭଳି ନିଷେଧ ଲାଗୁ କରାଯାଇଛି । ମନ୍ତ୍ରଣାଳୟ କହିଛି,  ଏକ୍ସପ୍ରେସ୍‌ୱେର ଦୁଇ କଡ଼ରେ ଥିବା ସଡ଼କରେ ସେହି ଗାଡ଼ିଗୁଡ଼ିକ ଯାଇପାରିବ ।

ଏନ୍.ଏଚ୍.ଏ.ଆଇ. ଯାନବାହନ ଚଳାଚଳ ଓ ଲୋକମାନଙ୍କ ସୁରକ୍ଷା ପାଇଁ କିଛି ଅତିରିକ୍ତ ପଦକ୍ଷେପ ନେଇଛନ୍ତି । ବଡ଼ବଡ଼ ଜଙ୍କସନ୍ ଓ ପ୍ରବେଶ ଏବଂ ପ୍ରସ୍ଥାନ ପଏଣ୍ଟ ଗୁଡ଼ିକରେ ମାର୍ଶାଲ୍ ମାନଙ୍କୁ ମୁତୟନ କରାଯାଇଛି । ସେମାନେ ଲୋକମାନଙ୍କୁ ଆବଶ୍ୟକ ସୂଚନା ଦେବେ । ରାଜପଥ କର୍ତ୍ତୃପକ୍ଷ ଦ୍ୱାରା ଅତିରିକ୍ତ ସଡ଼କ ସଂକେତ ଲଗା ଯାଇଛି । ମନ୍ତ୍ରଣାଳୟ କହିଛି, ଯାନବାହନ ଉପରେ ନଜର ରଖିବାକୁ ସମଗ୍ର ଏକ୍ସପ୍ରେସ୍‌ୱେରେ ସି.ସି. ଟିଭି କ୍ୟାମେରା ଲଗାଯାଇଛି । ଡେଟିକେଟେଡ୍ ଏକ୍ସପ୍ରେସ୍‌ୱେ ପହରାଯାନ ଓ ଆମ୍ବୁଲାନ୍ସ ଗୁଡ଼ିକୁ ମଧ୍ୟ ରଖାଯାଇଛି । ଗାଡ଼ି ଚାଳକମାନଙ୍କୁ ସାବଧାନତାର ସହ ଗାଡ଼ି ଚଳାଇବାକୁ ଏନ୍.ଏଚ୍.ଏ.ଆଇ.

ଅନୁରୋଧ କରିଛନ୍ତି । ତାଛଡ଼ା ଆବଶ୍ୟକ ବେଗରେ ଗାଡ଼ି ଚଳାଇବା ଓ ଶୃଙ୍ଖଳା ସହ ଗାଡ଼ି ଚଳାଇବାକୁ କୁହାଯାଇଛି ।

# କ୍ରିକେଟ୍

ମହିଳା ପ୍ରିମିୟର୍ କ୍ରିକେଟ୍ ଲିଗ୍‌ର ଏଲିମିନେଟରର ମ୍ୟାଚ୍ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୋର୍ ମଧ୍ୟରେ ଖେଳାଯିବ । ଡବ୍ଲ୍ୟୁ.ପି.ଏଲ୍. ତାଲିକା ସୂଚୀରେ ମୁମ୍ବାଇ ଦ୍ୱିତୀୟ ଏବଂ ଆର୍.ସି.ବି. ତୃତୀୟ ସ୍ଥାନରେ ରହିଛି । ଏହି ମ୍ୟାଚ୍‌ର ବିଜେତା ଆସନ୍ତା ରବିବାର ଦିନ ଦିଲ୍ଲୀ କ୍ୟାପିଟାଲ୍ ବିପକ୍ଷରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ୍ ଖେଳିବ । ଗତବର୍ଷ ଏଲିମିନେଟର୍‌ରେ ମୁମ୍ବାଇ ୟୁ.ପି. ୱାରିୟର୍ସ୍‌କୁ ଏଲିମିନେଟର୍‌ରେ ପରାସ୍ତ କରି ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଥିଲା । ଫାଇନାଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ମୁମ୍ବାଇ ପରାସ୍ତ କରି ଚାମ୍ପିୟାନ୍ ଆଖ୍ୟା ଅର୍ଜନ କରିଥିଲା ।